## ସଂକ୍ଷେପରେ

### ରାୟଗଡ଼ାରୁ ୧୫ ସଂକ୍ରମିତ

ରାୟଗଡ଼ା ଅଫିସ,୨୯।୧୦- ରାୟଗଡ଼ା ଜିଲାରୁ ଆଉ ୧୫ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରେ ଜିଲାର ଗୁଣପୁର ଗ୍ରାମାଞ୍ଚଳରୁ ୬, ବିଷମକଟକରୁ ୨, ରାମନାଗୁଡ଼ାରୁ ୨ , ରାୟଗଡ଼ା ସହରାଞ୍ଚଳରୁ ୨, କଲ୍ୟାଣସିଂପୁରରୁ ୧, କାଶୀପୁରରୁ ୧ ଏବଂ ଅନ୍ୟ ଜିଲାର ଜଣେ ରହିଛନ୍ତି। ଏଥିରେ ଜଣେ କରୋନା ଯୋଦ୍ଧା ରହିଛନ୍ତି। ନୂତନ ପଜିଟିଭକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୦୬୦ରେ ପହଞ୍ଚିଛି। ସେଥିମଧ୍ୟରୁ ୭୮୮୯ ଜଣ ସୁସ୍ଥ ହୋଇଛନ୍ତି। ସେହିପରି ୪୦ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଛି। ଜିଲାରେ ଆଉ ୧୩୧ ସକ୍ରିୟ ସଂକ୍ରମିତ ରହିଥିବା ଜଣାପଡ଼ିଛି।

### ଦାନ ଉତ୍ସବ ପାଳିତ

ପଦ୍ମପୁର,୨୯।୧୦(ଡି.ଏନ୍.ଏ.)
ଆଧାତ୍ମିକ ଅନୁଷ୍ଠାନ ବିଶ୍ୱବୈଦିକ ପରିବାର ପକ୍ଷରୁ ଗୁରୁବାର ଦାନ ଉତ୍ସବ ପାଳିତ ହୋଇଯାଇଛି। ପ୍ରତିଷ୍ଠାତା ଆତ୍ମାନନ୍ଦଜୀଙ୍କ ୭୬ ତମ ଜନ୍ମତିଥି ଉପଲକ୍ଷେ ରାୟଗଡ଼ା ଜିଲା କୋଲନରା ବ୍ଲକ୍ ବାଙ୍କିଲି ଗ୍ରାମରେ ୨୦ ଅସହାୟ ପରିବାର ଏବଂ ବୃଦ୍ଧାଶ୍ରମରେ ଖାଦ୍ୟ,ବସ୍ତ୍ର ଓ ରାଶନ ସାମଗ୍ରୀ ପ୍ରଦାନ କରାଯାଇଛି। ଏହି ଅବସରରେ ଦୀପ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦାନ ଉତ୍ସବକୁ ସ୍ଥାନୀୟ ସଙ୍ଗଠକ ଚନ୍ଦ୍ରଭୂଷଣ ମାଣ୍ଡିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରଣବ କିଶୋର ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସମ୍ପାଦକ ଏସ୍. ସନ୍ୟାସୀ ରାଓ ଧନ୍ୟବାଦ ଦେଇଥିଲେ।

### କୃଷ୍ଣସାର ଶାବକ ଉଦ୍ଧାର

ବୁଗୁଡ଼ା,୨୯।୧୦(ଡି.ଏନ.ଏ.)-ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ କଞ୍ଚୁରୁ ନିକଟ ଏକ ପଡ଼ିଆରୁ ଗୁରୁବାର ଏକ ମାଈ କୃଷ୍ଣସାର ଶାବକ ଉଦ୍ଧାର କରାଯାଇଛି। ମୃଗଟି ପଡ଼ିଆ ନିକଟକୁ ଆସିଯାଇଥିବା ବେଳେ କୁକୁରପଲ ତାକୁ ଗୋଡ଼ାଇ କାମୁଡ଼ି ଦେଇଥିଲେ। କେତେକ ଗ୍ରାମବାସୀ କୁକୁରଙ୍କୁ ଘଉଡ଼ାଇ ମୃଗଟିକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଡାଙ୍ଗସୋରଡ଼ା ପ୍ରାଣୀ ଚିକିତ୍ସାଳୟ

- ୪ବର୍ଷ ହେଲା ରହୁନାହାନ୍ତି ପ୍ରାଣୀ ଚିକିତ୍ସକ
- ନଷ୍ଟହେବାକୁ ବସିଲାଣି ମୂଲ୍ୟବାନ୍ ଔଷଧ
- ଶୀଘ୍ର ଚିକିତ୍ସକ ନିଯୁକ୍ତି ଦାବି

ଚନ୍ଦ୍ରପୁର,୨୯।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସୋରଡ଼ା ପଞ୍ଚାୟତ ସଦରସ୍ଥିତ ପ୍ରାଣୀ ଚିକିତ୍ସାଳୟଟି ୨ବର୍ଷ ହେଲା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ୫୦ବର୍ଷ ତଳେ ଏହି ପ୍ରାଣୀ ଚିକିତ୍ସା କେନ୍ଦ୍ରଟି ସ୍ଥାନୀୟ ବାପୁଜୀନଗର ନିକଟ ସାହିରେ ନିର୍ମାଣ କରାଯାଇଥିଲା। ଏଠାକୁ ପ୍ରାଣୀ ଚିକିତ୍ସକମାନେ ଆସି ସେବା ଯୋଗାଉଥିଲେ। ହେଲେ ୪ବର୍ଷ ହେଲା ଏଠାରେ ଜଣେ ମଧ୍ୟ ପ୍ରାଣୀ ଚିକିତ୍ସକ ରହୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୁରୁଣା ପ୍ରାଣୀ ଚିକିତ୍ସା କେନ୍ଦ୍ରଟି ଭାଙ୍ଗିଯିବାରୁ ପଞ୍ଚାୟତ ପକ୍ଷରୁ ସିଏଫ୍‌ସି ଅନୁଦାନ ପାଣ୍ଠିରୁ ଲକ୍ଷାଧିକ ଟଙ୍କା



ବ୍ୟୟରେ ଏକ ନୂତନ ପ୍ରାଣୀ ଚିକିତ୍ସାଳୟ ନିର୍ମାଣ କରାଯାଇଛି। ହେଲେ ଏଠାରେ କେହି ପ୍ରାଣୀ ଚିକିତ୍ସକ ନ ରହିବା ଯୋଗୁ ନୂତନ କେନ୍ଦ୍ରଟି ମଧ୍ୟ ଭାଙ୍ଗି ନଷ୍ଟହେବାକୁ ବସିଲାଣି। ଏମିତିକି ଉକ୍ତ ଗୃହରେ ସରକାରଙ୍କ ପକ୍ଷରୁ ଆସିଥିବା ମୂଲ୍ୟବାନ୍ ଔଷଧଗୁଡ଼ିକ ରହି ନଷ୍ଟହେବାକୁ ବସିଲାଣି। କିନ୍ତୁ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ଅଞ୍ଚଳବାସୀ ଏବଂ ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ର ଅଭିଯୋଗ କରିଛନ୍ତି। ଜିଲା ପ୍ରାଣୀ ଚିକିତ୍ସା ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଶୀଘ୍ର ଜଣେ ପ୍ରାଣୀ ଚିକିତ୍ସକଙ୍କୁ ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ବ୍ଲକ୍ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଶଙ୍କର ହିଆଲଙ୍କୁ ପଚାରିବାରୁ କହିଛନ୍ତି, ତାଙ୍କୁ ସଦରରେ ରହିବା ପାଇଁ ବାରମ୍ବାର କୁହାଯିବା ପରେ ନ ଶୁଣିବାରୁ ଦରମା ବନ୍ଦ କରାଯାଇଛି।

# ଦୁର୍ଗମ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ତଦାରଖ କଲେ ଉପଜିଲାପାଳ

ମୁନିଗୁଡ଼ା,୨୯।୧୦(ଡି.ଏନ୍.ଏ.)

**ସମସ୍ୟା ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି**

ଗୁଣପୁର ଉପଜିଲାପାଳ ସୋନାଲ ଜେନା ଗୁରୁବାର ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟର ତଦାରଖ କରିଛନ୍ତି। ବ୍ଲକ୍‌ର ଦୁର୍ଗମ ଶରଧାପୁର ପଞ୍ଚାୟତର ୭ କି.ମି. ପାହାଡ଼ ରାସ୍ତାରେ ଚାଲି ଚାଲି ସେ ସାନକାନ୍ଦୁଲପଡ଼ା, କାତନଖୁଲା ଓ ପଡ଼ଗୁଡ଼ି ସମେତ ବିଭିନ୍ନ ଗ୍ରାମରେ ପହଞ୍ଚିଥିଲେ। ଉକ୍ତ ଅଞ୍ଚଳରେ ପାନୀୟଜଳ ସମସ୍ୟା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀମାନେ ସେମାନଙ୍କ କାର୍ଯ୍ୟ କିଭଳି କରୁଛନ୍ତି ସେ ବିଷୟରେ ବୁଝିଥିଲେ। ସେହିପରି ଭତ୍ତା ଓ ଚାଉଳ ଠିକ୍ ସମୟରେ ମିଳୁଛି କି ନାହିଁ ସେ ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହା ବ୍ୟତୀତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଆସୁଥିବା ଅନୁଦାନ ଓ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା ବିଷୟରେ ତଦାରଖ କରିଥିଲେ। ଅଞ୍ଚଳରେ ରହିଥିବା ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ଏହି ଅବସରରେ ଉପଜିଲାପାଳ ଜେନା ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଶୀଘ୍ର ସମସ୍ୟାର ସମାଧାନ ପାଇଁ ସେ ବ୍ଲକ୍ ପ୍ରଶାସନକୁ ମଧ୍ୟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଗସ୍ତବେଳେ ଉପଜିଲାପାଳଙ୍କ ସହ ମୁନିଗୁଡ଼ା ବିଡିଓ ଦିଲୀପ କୁମାର ବେହେରା, ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ପାତ୍ର, ପାନୀୟଜଳ ବିଭାଗ ଯନ୍ତ୍ରୀ ରମେଶ ମିଞ୍ଜ, ପିଇଓ ଗଦାଧର ମିଶ୍ର, ଜିଆର୍‌ଏସ୍ କମଳାକାନ୍ତ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।



ଉପଜିଲାପାଳ ଅଞ୍ଚଳବାସୀଙ୍କ ସହ ଆଲୋଚନା କରୁଛନ୍ତି ।

# ପୋକ ଲାଗି ଫସଲ ନଷ୍ଟ, ବିଲରେ ଗୋରୁ ଛାଡ଼ିଦେଲେ ଚାଷୀ

ଚନ୍ଦାହାଣ୍ଡି, ୨୯।୧୦(ଡି.ଏନ୍.ଏ.)

ସାହୁକାରଠାରୁ ଟଙ୍କା ଧାର ଆଣି ଚାଷ କରିଥିଲେ। ଚକଡ଼ା ପୋକ କିନ୍ତୁ ସବୁ ଫସଲ ଉଜାଡ଼ିଦେଲା। ନିରାଶ ହୋଇ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରୀଗୁଡ଼ା ପଞ୍ଚାୟତ ଫୁଣ୍ଡେଲପଡ଼ା ଗ୍ରାମର ଚାଷୀ ଅସଲ ଗୌଡ଼ ଜମିରେ ବଳଦ ଚରାଇଛନ୍ତି। ଏବେ କରଜ ଶୁଝିବା ଚିନ୍ତା ଘାରିଛି ବୋଲି ଅସଲ କହିଛନ୍ତି। ସରକାରୀ ସହାୟତା ପ୍ରଦାନ କରାଯାଉ ବୋଲି ସେ ଦାବି କରିଛନ୍ତି।

ଚଳିତ ବର୍ଷ ଚାଷ କରିବା ପାଇଁ ଗାଁ ସାହୁକାରଙ୍କଠାରୁ ଅସଲ ୫୦ ହଜାର ଟଙ୍କା କରଜ କରି ନିଜ ୩ଏକର ଜମିରେ ଧାନଚାଷ କରିଥିଲେ। ତାଙ୍କ ଜମିରେ ଗଭୀର ନଳକୂପ ଥିବାରୁ ଜଳସେଚନର କୌଣସି ଅସୁବିଧା ନ ଥିଲା। ଧାନ ଗଜା ହେବା ସହ ଭଲ ଫସଲ ମଧ୍ୟ ହୋଇଥିଲା। କିନ୍ତୁ ଧାନରେ ଚକଡ଼ା ପୋକ ଲାଗି ଯାଇଥିଲେ। ଏହାକୁ ଦେଖି ସେ ପୁଣି ଧାରକରଜ କରି କୀଟନାଶକ ପ୍ରୟୋଗ



ଚାଷୀ ଧାନଜମିରେ ବଳଦ ଚରାଉଛନ୍ତି।

କରିଥିଲେ ମଧ୍ୟ କୌଣସି ଲାଭ ହୋଇ ନ ଥିଲା। କେତେକ ଗଛ ମରିଯାଇଥିବାବେଳେ ପାଚିଥିବା ଧାନ ସବୁ ପୋଲା ହୋଇଯିବାରୁ ସେ ନିରାଶ ହୋଇ ବିଲରେ ବଳଦ ଚରାଇ ଦେଇଥିଲେ। ଗମ୍ଭାରୀଗୁଡା କୃଷି ପରିଦର୍ଶକ କୌଣସି ଦିନ ମଧ୍ୟ ଚାଷଜମି ପରିଦର୍ଶନ କରି ରୋଗ ଦମନ ପାଇଁ ପରାମର୍ଶ ଦେଇ ନ ଥିବା ସେ ଅଭିଯୋଗ କରିଛନ୍ତି। ସାହୁକାରଙ୍କୁ ଟଙ୍କା କିପରି ଶୁଝିବେ ସେ ନେଇ ଅସଲ ଏବେ ଚିନ୍ତାରେ। ସରକାରୀ ସହାୟତା ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି। ଚନ୍ଦାହାଣ୍ଡି ସହକାରୀ କୃଷି ଅଧିକାରୀ ପ୍ରଶାନ୍ତ ବାଗଙ୍କୁ ପଚାରିବାରୁ ସେ ଗମ୍ଭାରୀଗୁଡ଼ାର ୪୪୧ ହେକ୍ଟର ଧାନଜମି ପରିଦର୍ଶନ କରିଥିବା କହିଛନ୍ତି। କିଛି ଜାଗାରେ ପୋକ ଲାଗି ଫସଲ ନଷ୍ଟ ହୋଇଛି। ତହସିଲଦାର ହୃଦାନନ୍ଦ ସିଂ ମାଝିଙ୍କ ସହ ଆଲୋଚନା କରି ସହାୟତା ପାଇଁ ରିପୋର୍ଟ ଦିଆଯିବ ବୋଲି ସେ କହିଛନ୍ତି।

# ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି

ବିଷମ କଟକ,୨୯।୧୦

ରାୟଗଡ଼ା ଜିଲା ବିଷମକଟକଠାରେ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଗୁରୁବାର ଦୋଳ ମଣ୍ଡପଠାରେ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ମା'ଙ୍କ ପୂଜା ଅକ୍ଟୋବର ୩୦ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ପୂଜକ ରାମ ରଥ ଓ କେଶବ ରଥ ନୀତି ଅନୁଯାୟୀ ମା'ଙ୍କୁ ଆବାହନ କରିଥିଲେ। କରୋନା କଟକଣା ଯୋଗୁ ୧୮ତମ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ବିନା ଶ୍ରଦ୍ଧାଳୁରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ କମିଟିର ସଦସ୍ୟ ସଙ୍କର୍ଷଣ ରଥ, ଅରବିନ୍ଦ ମହାରଣା, ରାଜକିଶୋର ପଟ୍ଟନାୟକ, ପ୍ରଦୀପ କୁମାର ସାହୁ , ଅଶୋକ କୁମାର ତ୍ରିପାଠୀ , ଡି.ସି. ପ୍ରସାଦ, ଆଲୋକ ଖୁଣ୍ଟିଆ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ଅରୁଣ ସାହୁକାର ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

କାଶୀନଗର,୨୯।୧୦(ଡି.ଏନ୍.ଏ.)

କାଶୀନଗରଠାରୁ ଦୁଇ କି.ମି. ଦୂର ଖୁରିଗାଁଠାରେ ବୁଧବାର ରାତି ପ୍ରାୟ ସାଢ଼େ ୧୦ଟାରେ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରିଟିଗୁଡ଼ାର ଜି. ଶ୍ରୀଧର। ଶ୍ରୀଧର ଘରକୁ ଫେରୁଥିବା ବେଳେ ବାଇକ୍‌ରୁ ଭାରସାମ୍ୟ ହରାଇ ୨ ଜଣଙ୍କୁ ଧକ୍କା ଦେଇ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟ ଓ ପରେ ବିଶାଖାପାଟଣା ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

# ଝିଗିଡ଼ି ପଞ୍ଚାୟତରେ ହେବ ୨ ସିନ୍ଥେଟିକ୍ ଭଲିବଲ୍ ଗ୍ରାଉଣ୍ଡ

ବିଷମକଟକ,୨୯।୧୦

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ର ଝିଗିଡ଼ି ପଞ୍ଚାୟତରେ ୨ଟି ସିନ୍ଥେଟିକ୍ ଭଲିବଲ୍ ଗ୍ରାଉଣ୍ଡ ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁରୀ ହୋଇଥିବା ଜଣାପଡ଼ିଛି। ଗୁରୁବାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଝିଗିଡ଼ି ଏବଂ ମୁଣ୍ଡା ଗ୍ରାମରେ ଗ୍ରାଉଣ୍ଡ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୪ଲକ୍ଷ ୫୦ହଜାର ଟଙ୍କା ବ୍ୟୟରେ ଏହି ସିନ୍ଥେଟିକ୍ ପିଚ୍ ତିଆରି ହେବ। ଆଗାମୀ ଦିନରେ ବ୍ଲକ୍‌ର ସମସ୍ତ ପଞ୍ଚାୟତରେ ଏଭଳି ଗ୍ରାଉଣ୍ଡ ନିମନ୍ତେ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଝିଗିଡ଼ି ସରପଞ୍ଚ ମୋହିନୀ ଶବର, ସମିତି ସଭ୍ୟ ଗୌରି ଶଙ୍କର ଖୁଣ୍ଟିଆ, ଉପାଧ୍ୟକ୍ଷ ରମେଶ ପାଲକା, ବିଡିଓ ଆଲବର୍ଟ ଲାକଡ଼ା, ତହସିଲଦାର ଶୁଭେନ୍ଦୁ ଜେନା, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ପାଣିଗ୍ରାହୀ, ଜ୍ୟୋତି ସାହୁ, ଦେବୀ ପଟ୍ଟନାୟକ, ଡି. ଶିବ ପ୍ରସାଦ ମଞ୍ଚାସୀନ ଥିଲେ। ପରେ ମନ୍ତ୍ରୀ ଝିଗିଡ଼ି ଏବଂ ମୁଣ୍ଡା ଗ୍ରାମବାସୀଙ୍କୁ କରୋନା ବିଷୟରେ ସଚେତନ କରିଥିଲେ। ସେହିପରି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗସ୍ତକରି ଡାକ୍ତରଖାନାରେ ବିଶୁଦ୍ଧ ପାନୀୟଜଳ ମେଶିନ ସ୍ଥାପନ ନିମନ୍ତେ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ମାଳିଶିରିପୁର ଗ୍ରାମର ମହିଳାଙ୍କ ପରିବାରକୁ ଭେଟି ମନ୍ତ୍ରୀ ସମବେଦନା ଜଣାଇଛନ୍ତି।



ମନ୍ତ୍ରୀ ଜଗନ୍ନାଥ ସାରକା ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

# ୩ କୃଷି ଆଇନ ପ୍ରତ୍ୟାହାର ଦାବି

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା କଂଗ୍ରେସ

ଟିକିରି,୨୯।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ କଂଗ୍ରେସ ପକ୍ଷରୁ ଗୁରୁବାର ୩ ଦଫା ଦାବି ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଚାଷୀ ଉତ୍ପାଦନର ବାଣିଜ୍ୟ କାରବାର ଆଇନ, କୃଷକ (ସଶକ୍ତିକରଣ ଓ ସୁରକ୍ଷା) ଦର ପ୍ରତିଶ୍ରୁତି ରାଜିନାମା ଓ କୃଷି ସେବା ଆଇନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ ପ୍ରତ୍ୟାହାର ନିମନ୍ତେ ଦଳ ପକ୍ଷରୁ ଏକ ଦାବିପତ୍ର ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଛି। ରାୟଗଡ଼ା ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଦଳ ପକ୍ଷରୁ ଏହି ୩ କଳା ଆଇନ ପ୍ରତ୍ୟାହାର ନିମନ୍ତେ ଦାବିପତ୍ର ଦିଆଯାଇଛି। ଦଳର ସଦସ୍ୟମାନେ ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ଏକତ୍ରିତ ହୋଇ ଶୋଭାଯାତ୍ରାରେ ବାହାରିଥିଲେ। ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ଆପଲା ସ୍ୱାମୀ କାଡ୍ରାକା, ଜିଲା କିଷାନ କଂଗ୍ରେସ ସଭାପତି ପି. ଦେବେନ୍ଦ୍ର ରାଓ, ଅନୀଲ୍ ଜୈନ, ପୁରନ୍ଦର ସିଂ, ବାଳକୃଷ୍ଣ ବୈଦ୍ୟଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଉମରକୋଟ ପୋଲିସ ପକ୍ଷରୁ ରକ୍ତଦାନ ଶିବିର

ନବରଙ୍ଗପୁର,୨୯।୧୦(ବି.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ପୋଲିସ ପକ୍ଷରୁ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହେଇଛି। ଉମରକୋଟ ଥାନାଧିକାରୀ ନରେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ବହୁ ସଂଖ୍ୟାରେ ପୋଲିସ କର୍ମଚାରୀ ଓ ଅଞ୍ଚଳବାସୀ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। କରୋନା ଯୋଗୁ ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ରକ୍ତଭଣ୍ଡାରରେ ରକ୍ତର ଅଭାବ ଦେଖାଦେଉଛି। ଏହି ସମସ୍ୟା ଦୂର ପାଇଁ ନବରଙ୍ଗପୁର ଏସ୍‌ପି ନୀତିନ କୁଶାଲକର୍‌ଙ୍କ ନିର୍ଦ୍ଦେଶରେ ଏହି ରକ୍ତଦାନ ଶିବିର କରାଯାଇଛି ବୋଲ ଉମରକୋଟ ଏସ୍‌ଡିପିଓ ହେମନ୍ତ କୁମାର ପାଢୀ କହିଛନ୍ତି।

# ୫ ଜୁଆଡ଼ି ଗିରଫ

ଗୁଣପୁର,୨୯।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ପୋଲିସ ଗୁରୁବାର ଏକ ଜୁଆଆଡ୍ଡାରେ ଚଢ଼ାଉ କରି ୫ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନେ ହେଲେ ପି. ତ୍ରିପତି ରାଓ, କେ. ଗୁଣଶେଖର ରାଓ, କେ. ସୋମେଶ୍ୱର ରାଓ, ସୁଦାମ ମହାପାତ୍ର ଏବଂ କିରଣ। ସେମାନଙ୍କ ନିକଟରୁ ୧୯ହଜାର ୨ଶହ ଟଙ୍କା ଜବତ କରାଯାଇଥିବା ସୂଚନା ମିଳିଛି।

# ବିଳମ୍ବରେ ଖୋଲୁଛି ବ୍ଲକ୍ କୃଷି କାର୍ଯ୍ୟାଳୟ

ପାପଡ଼ାହାଣ୍ଡି, ୨୯।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ କୃଷି କାର୍ଯ୍ୟାଳୟ ଦୈନିକ ଠିକ୍ ସମୟରେ ଖୋଲୁନି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବିଳମ୍ବରେ ଖୋଲାଯାଉଥିବାରୁ ଚାଷୀ କୃଷି ସମ୍ବନ୍ଧୀୟ ସୂଚନା ପାଇପାରୁ ନ ଥିବା ଅଭିଯୋଗ କରିଛନ୍ତି। ଗୁରୁବାର ପୂର୍ବାହ୍ନ ୧୧.୩୦ରେ କାର୍ଯ୍ୟାଳୟ ଖୋଲାଯାଇଥିଲା।

ପାପଡ଼ାହାଣ୍ଡି ବ୍ଲକ କୃଷି କାର୍ଯ୍ୟାଳୟରେ ୧୨ ଜଣ କର୍ମଚାରୀ ରହିଛନ୍ତି। ସମସ୍ତ କାର୍ଯ୍ୟାଳୟ ପ୍ରଶାସନିକ ସ୍ତରରେ ୧୦ଟା ବେଳେ ଖୋଲିବା ନିୟମ ରହିଛି। କିନ୍ତୁ କିଛିଦିନ ହେଲା ପାପଡାହାଣ୍ଡି ବ୍ଲକ କୃଷି କାର୍ଯ୍ୟାଳୟ ଠିକ୍ ସମୟରେ ଖୋଲା ଯାଉନାହିଁ। ସାଧାରଣତଃ ଚାଷୀମାନେ ଦୂରଦୂରାନ୍ତରୁ ଚାଷ ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗ ଏବଂ ତଥ୍ୟ ସଂଗ୍ରହ କରିବାକୁ





ବ୍ଲକ କୃଷି କାର୍ଯ୍ୟାଳୟରେ ତାଲା ଝୁଲୁଛି।

**ସାଧାରଣ ଲୋକେ ହନ୍ତସନ୍ତ**

ଆସିଥାନ୍ତି। କିନ୍ତୁ କାର୍ଯ୍ୟାଳୟ ବନ୍ଦ ରହୁଥିବା ଚାଷୀମାନେ ଏ ନେଇ ସୂଚନା ପାଉନାହାନ୍ତି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ସେମାନେ ବାରମ୍ବାର କାର୍ଯ୍ୟାଳୟରେ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଅମଳ ସମୟ। ଧାନ ଫସଲରେ ବିଭିନ୍ନ ରୋଗ ପୋକ ଲାଗି ଚାଷୀ ନୟାନ୍ତ ହେଲେଣି। ସେମାନଙ୍କ ଦୁଃଖ ବୁଝିବା ଲୋକ କେହି ନାହାନ୍ତି। ପାପଡାହାଣ୍ଡି ବ୍ଲକ ତୁମ୍ବର୍ଲା ଅଞ୍ଚଳର ଶ୍ରୀକାନ୍ତ ମିଶ୍ରଙ୍କ ୧୫ ଏକର ଭାଗ ଚାଷ ଜମି ସହ ଅନେକ ଲୋକଙ୍କ ଫସଲରେ ମାଟିଆଗୁଣ୍ଡ ପୋକ ଲାଗିଛି। ମାଟିଆଗୁଣ୍ଡ ପୋକ ଲାଗିଥିବା ବିଷୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ସେମାନେ କ୍ଷେତ୍ର ପରିଦର୍ଶନ ଆସୁନାହାନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ କୃଷି ଅଧିକାରୀ ଶଶିଭୂଷଣ ସେନାପତିଙ୍କୁ ପଚାରିବାରୁ ସମସ୍ତ ଅଧିକାରୀ କ୍ଷେତ୍ର ପରିଦର୍ଶନକୁ ଯାଉଛନ୍ତି। ପିଅନ ନ ଥିବା ଯୋଗୁ କାର୍ଯ୍ୟାଳୟ ଖୋଲିବାରେ ସମସ୍ୟା ହେଉଛି ବୋଲି ସେ କହିଛନ୍ତି।

DSPL - 92

# ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ବାର୍ତ୍ତା



ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦର ବିଷୟ ଏହି କି ଆମ ଦେଶର ଅନ୍ୟାନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ମଧ୍ୟ ଅକ୍ଟୋବର ୩୦ ତାରିଖକୁ ବିଶ୍ୱ ମିତବ୍ୟୟିତା ଦିବସ ରୂପେ ଆମେ ପାଳନ କରୁଛୁ । ଏହି ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି ।

ବର୍ତ୍ତମାନ ସମୟରେ ପ୍ରତ୍ୟେକ ବ୍ୟକ୍ତି ମିତବ୍ୟୟୀ ହୋଇ ସଞ୍ଚୟକୁ ଏକ ଅଭ୍ୟାସରେ ପରିଣତ କରିବା ଆବଶ୍ୟକ । ନିୟମିତ ସଞ୍ଚୟ ବ୍ୟକ୍ତିର ଭବିଷ୍ୟତ ପାଇଁ ଆର୍ଥିକ ନିରାପତ୍ତା ପ୍ରଦାନ ସହ ଯେକୌଣସି ଜରୁରୀ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡିକ ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ବେଶ୍ ସରଳ ଏବଂ ସୁରକ୍ଷିତ ବୋଲି ପ୍ରମାଣିତ । ଏହି ଜମା ଯୋଜନାରେ ପୁଞ୍ଜି ନିବେଶ ପୂର୍ବକ ଜନସାଧାରଣ ନିଜର ଭବିଷ୍ୟତ ଆର୍ଥିକସ୍ଥିତି ସୁଦୃଢ଼ କରିବାର ସୁଯୋଗ ନିଅନ୍ତୁ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ସ୍ୱଳ୍ପ ସଞ୍ଚୟକୁ ଅଧିକ ଲୋକପ୍ରିୟ କରାଇବା ଦିଗରେ ବିଶେଷ ସହାୟକ ହୋଇପାରିଛି । ଡ଼ାକଘର ଏବଂ ବ୍ୟାଙ୍କମାନଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥନୈତିକ ସେବା, ସମାଜର ପ୍ରତ୍ୟେକ ବ୍ୟକ୍ତି ପାଖରେ ପହଞ୍ଚିବା ସରକାରଙ୍କର ମୂଳ ଲକ୍ଷ୍ୟ ।

ମିତବ୍ୟୟିତା ଆଚରଣ ପୂର୍ବକ ଆର୍ଥିକ ସ୍ୱାବଲମ୍ବନତା ହାସଲ କରିବା ଆଜିର ଦିନରେ ଆମ ସମସ୍ତଙ୍କର ସଂକଳ୍ପ ହେଉ ।

ଆମ ସମସ୍ତଙ୍କର ମିଳିତ ସହଯୋଗ ନିଷ୍ଠାପର ଓ ଅବିରତ ଉଦ୍ୟମ ଦ୍ୱାରା ବିଶ୍ୱ ମିତବ୍ୟୟିତା ଦିବସ ପାଳନର ଉଦ୍ଦେଶ୍ୟ ସାଧିତ ହେବ ବୋଲି ମୁଁ ଆଶା କରୁଛି ।

(ଗଣେଶୀ ଲାଲ)



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ୩୦ ତାରିଖରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହେଉଥିବା ଆମ ସମସ୍ତଙ୍କ ପାଇଁ ଆନନ୍ଦର କଥା ।

ଆର୍ଥିକ ପ୍ରଗତି ପାଇଁ ମିତବ୍ୟୟିତା ସର୍ବାଦୌ ଆବଶ୍ୟକ । ଉପଲବ୍ଧ ସମ୍ବଳର ମିତବ୍ୟୟିତାର ସହିତ ବିନିଯୋଗ ତଥା ସୁଚିନ୍ତିତ ଉପାୟରେ ବ୍ୟୟ ମାଧ୍ୟମରେ ସଞ୍ଚୟ ବୃଦ୍ଧି କରିବା ସହଜ ସାପେକ୍ଷ ହୋଇଥାଏ । ସଞ୍ଚୟ ଆମର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହିତ ଦେଶର ପ୍ରଗତିରେ ମଧ୍ୟ ସକ୍ରିୟ ଯୋଗଦାନ କରିଥାଏ । ମିତବ୍ୟୟିତା ଓ ସଞ୍ଚୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ । ଅନାବଶ୍ୟକ ବ୍ୟୟରୁ ନିବୃତ୍ତ ରହି ନିଜର କ୍ଷମତା ଅନୁଯାୟୀ ସଞ୍ଚୟ କରିବା ଦ୍ୱାରା ଉଭୟ ଦେଶ ଓ ଦେଶବାସୀଙ୍କର ଅର୍ଥନୈତିକ ଅଭିବୃଦ୍ଧି ସାଧିତ ହୋଇଥାଏ । ସଞ୍ଚୟ ବ୍ୟକ୍ତିର ଭବିଷ୍ୟତର ଆବଶ୍ୟକତା ପୂରଣ କରିବା ସହିତ ଯେ କୌଣସି ଅଭାବନୀୟ ପରିସ୍ଥିତିରେ ଆବଶ୍ୟକୀୟ ସମ୍ବଳ ଯୋଗାଇଥାଏ ।

ସରକାରଙ୍କର ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ବ୍ୟକ୍ତିବିଶେଷଙ୍କୁ ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହୋଇଥାଏ । ଆର୍ଥିକ ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ ରାଜ୍ୟର ଜନସାଧାରଣ ଡାକଘର ଓ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଆର୍ଥିକ ସେବାଗୁଡ଼ିକର ସଦୁପଯୋଗ କରି ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେବାପାଇଁ ମୁଁ ସମସ୍ତଙ୍କୁ ଆହ୍ୱାନ କରୁଛି । କେବଳ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ ହିଁ, ରାଜ୍ୟବାସୀ ନିଜର କଷ୍ଟଲବ୍ଧ ଅର୍ଥ ସଞ୍ଚୟ କରିବାକୁ ମୋର ଅନୁରୋଧ ।

ରାଜ୍ୟ ସରକାରଙ୍କ ତରଫରୁ ସ୍ୱଳ୍ପ ସଞ୍ଚୟ ଜମାକାରୀମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରୋତ୍ସାହନ ଯୋଜନା ପ୍ରଚଳନ କରାଯାଇଛି । ଏହି ଯୋଜନାରେ ଅଂଶଗ୍ରହଣ କରିବା ସହିତ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଅର୍ଥ ବିନିଯୋଗ କରି ନିଜର ତଥା ରାଜ୍ୟର ଆର୍ଥିକ ବିକାଶରେ ଭାଗିଦାର ହେବା ପାଇଁ ମୁଁ ରାଜ୍ୟବାସୀଙ୍କୁ ବିନମ୍ର ନିବେଦନ କରିବା ସହିତ ମିତବ୍ୟୟିତାକୁ ଏକ ଅଭ୍ୟାସରେ ପରିଣତ କରିବା ପାଇଁ ଅନୁରୋଧ କରୁଛି ।

ବିଶ୍ୱ ମିତବ୍ୟୟିତା ଦିବସ ଅବସରରେ ରାଜ୍ୟବାସୀଙ୍କ ଆର୍ଥିକ ସମୃଦ୍ଧି କାମନା କରିବା ସହିତ ଏହି ଦିବସର ଅପାର ସଫଳତା କାମନା କରୁଛି ।

(ନବୀନ ପଟ୍ଟନାୟକ)



ମାନ୍ୟବର ଅର୍ଥମନ୍ତ୍ରୀଙ୍କ ବାର୍ତ୍ତା

ଅକ୍ଟୋବର ୩୦ ତାରିଖରେ ଆମ ଦେଶର ସବୁ ରାଜ୍ୟରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହେଉଅଛି । ଏହି ଉପଲକ୍ଷେ ଓଡିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

ପୁରାତନ କାଳରୁ ମନୁଷ୍ୟ ଜୀବନରେ ସଞ୍ଚୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି । ବର୍ତ୍ତମାନ ମଧ୍ୟ ନିଜର ଉପାର୍ଜିତ ଧନରୁ କିଛି ଅର୍ଥ ଭବିଷ୍ୟତର ଆବଶ୍ୟକତା ପାଇଁ ସଞ୍ଚୟ କରି ରଖିବା ଆମ ସମସ୍ତଙ୍କ ପାଇଁ ଏକାନ୍ତ ଆବଶ୍ୟକ ତଥା ଗୁରୁତ୍ୱପୂର୍ଣ୍ଣ । ମାତ୍ର ଦୈନନ୍ଦିନ ଜୀବନରେ ମିତବ୍ୟୟୀ ହେଲେ ହିଁ ସଞ୍ଚୟ କରିବା ସହଜସାଧ୍ୟ ହୋଇଥାଏ ।

ଆର୍ଥିକ ବିକାଶ କ୍ଷେତ୍ରରେ ସ୍ୱଳ୍ପ ସଞ୍ଚୟର ଭୂମିକା ଅନନ୍ୟ । ବ୍ୟକ୍ତିର ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ସ୍ୱଳ୍ପ ସଞ୍ଚୟ ଯୋଜନା ଏକ ସରଳ ଏବଂ ପ୍ରକୃଷ୍ଟ ମାଧ୍ୟମ । ଏହାର ଆକର୍ଷଣୀୟ ସୁଧହାର ଏବଂ ବିଭିନ୍ନ ସୁରକ୍ଷିତ ଜମା ଯୋଜନା ପ୍ରତ୍ୟେକଙ୍କୁ ଆକୃଷ୍ଟ କରିଥାଏ । ରାଜ୍ୟର ସମସ୍ତ ଡାକଘର ଓ ରାଷ୍ଟ୍ରାୟତ ବ୍ୟାଙ୍କମାନଙ୍କରେ ଏହି ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡିକ ଉପଲବ୍ଧ । ତେଣୁ ଦୈନନ୍ଦିନ ଖର୍ଚ୍ଚରେ ମିତବ୍ୟୟିତା ଅବଲମ୍ବନ କରି ସଞ୍ଚୟକୁ ଅଭ୍ୟାସରେ ପରିଣତ କରିବା ଆଜିର ସଂକଳ୍ପ ହେଉ । ଏହି ଅଭ୍ୟାସ ବ୍ୟକ୍ତିର ଭବିଷ୍ୟତ ଜୀବନକୁ ସୁଗମ ତଥା ସୁଖମୟ କରିବାରେ ବିଶେଷ ସହାୟକ ହୋଇଥାଏ । ରାଜ୍ୟର ସମସ୍ତ ଜନସାଧାରଣଙ୍କ ପାଖରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ମାଧ୍ୟମରେ ଡ଼ାକଘର ଓ ବ୍ୟାଙ୍କମାନଙ୍କ ଦ୍ୱାରା ପ୍ରଦତ୍ତ ଆର୍ଥିକ ସେବାଗୁଡ଼ିକୁ ପହଞ୍ଚାଇବା ସରକାରଙ୍କର ଏକ ପ୍ରମୁଖ ଆଭିମୁଖ୍ୟ ।

ସ୍ୱଳ୍ପ ସଞ୍ଚୟ ଯୋଜନାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ପ୍ରଚଳନ କରିଛନ୍ତି । ଏଥିରେ ବର୍ଷକୁ ୨୪୨୮ ଗୋଟି ଆକର୍ଷଣୀୟ ନଗଦ ପୁରସ୍କାରର ବ୍ୟବସ୍ଥା କରାଯାଇଅଛି । ପ୍ରଥମ ପୁରସ୍କାରର ମୂଲ୍ୟ ୫ଲକ୍ଷ ଟଙ୍କା ରହିଥିବାବେଳେ, ସର୍ବନିମ୍ନ ପୁରସ୍କାରର ମୂଲ୍ୟ ୨୦୦୦ ଟଙ୍କା ରହିଅଛି ।

ଏଣୁ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ଅନୁରୋଧ, ସେମାନେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ସକ୍ରିୟ ଅଂଶ ଗ୍ରହଣ କରି ନିଜର ଆର୍ଥିକ ସ୍ଥିତିକୁ ସୁରକ୍ଷିତ କରିବା ସଂଗେ ସଂଗେ ରାଜ୍ୟ ଓ ଦେଶର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।

ଏହି ଅବସରରେ ମୁଁ ବିଶ୍ୱ ମିତବ୍ୟୟିତା ଦିବସର ସର୍ବସଫଳତା କାମନା କରୁଅଛି ।

(ନିରଞ୍ଜନ ପୂଜାରୀ)

OIPR-05001/13/0004/2021

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୨ ଗିରଫ

ମାଲକାନଗିରି,୨୯।୧୦ (ଡି.ଏନ୍.ଏ.) ମାଲକାନଗିରି ଜିଲା ବାଲିମେଳା ଅବକାରୀ ବିଭାଗ ପକ୍ଷରୁ କୁଡୁମୁଲୁଗୁମ୍ମା ବ୍ଲକର ଲାଠିଗୁଡା, ଅରିଙ୍ଗି, ପୁଜାରିଗୁଡା, ପୁଶପାଲି, ପରଲନମାଲା ଅଞ୍ଚଳରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀମଦ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ତୁଳା ବୈରାଗୀ ଓ ତୁଳାବତୀ ବୈରାଗୀ। ଜିଲା ଅବକାରୀ ଅଧୀକ୍ଷକ ଅଶୋକ କୁମର ସେଠଙ୍କ ନିର୍ଦ୍ଦେଶରେ ବାଲିମେଳା ଅବକାରୀ ବିଭାଗ ଓଆଇସି ହେଡ୍. ଜଗାରାଓଙ୍କ ସହ ଏକ ଟିମ୍ ଚଢ଼ାଉ କରିଥିଲେ।

### ନାଲ୍କୋ ହସ୍ପିଟାଲରେ ରାପିଡ୍ ଆଣ୍ଟିଜେନ୍ ପରୀକ୍ଷା ଆରମ୍ଭ

ଦାମନଯୋଡି,୨୯।୧୦(ଡି.ଏନ.ଏ.)- କୋରାପୁଟ ଜିଲା ଦାମନଯୋଡି ନାଲକୋ ହସ୍ପିଟାଲରେ ଗୁରୁବାରଠାରୁ କୋଭିଡ୍-୧୯ର ରାପିଡ୍ ଆଣ୍ଟିଜେନ୍ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୮ଜଣଙ୍କ ପରୀକ୍ଷା କରାଯାଇଛି। ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ ଏହାର ଶୁଭାରମ୍ଭ କରିଥିଲେ। ମହାପ୍ରବନ୍ଧକ ଅମରେନ୍ଦ୍ର କୁମାର ମିଶ୍ର, ହସ୍ପିଟାଲର ମୁଖ୍ୟ ଡାକ୍ତର ଗିତାଞ୍ଜଳି ମିଶ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ପରିମଳ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର ଶେଷ

ଦଶମନ୍ତପୁର, ୨୯।୧୦। ( ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ୩ଦିନ ଧରି ଚାଲିଥିବା ପରିମଳ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆୟୋଜିତ ହୋଇଥିଲା। ବିଡିଓ ଉମ୍ବଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରକୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏସ୍.ଏ.କୁରେଶି ପରିଚାଳନା କରିଥିଲେ। ବ୍ଲକର ୧୬ଟି ପଞ୍ଚାୟତରେ କାର୍ଯ୍ୟରତ ସ୍ୱୟଂ ସହାୟିକା ଗୋଷ୍ଠୀ ଯୋଗଦେଇଥିଲେ। କେମିକାଲ ଓ ବ୍ୟାକ୍ଟ୍ରୋଲୋଜିକାଲ ପରୀକ୍ଷଣ ଦ୍ୱାରା ପରୀକ୍ଷା କରାଯାଇ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।

### ମାଲକାନଗିରି: ୧୭ ଆକ୍ରାନ୍ତ

ମାଲକାନଗିରି,୨୯।୧୦ (ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ଗୁରୁବାର ୧୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୭୯୫ ହୋଇଛି। ଚିହ୍ନଟ ୧୭ଜଣଙ୍କ ମଧ୍ୟରେ ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ଜଣେ, ମାଲକାନଗିରି ବ୍ଲକରୁ ୨, ମାଥିଲି ବ୍ଲକରୁ ୬, ପଡିଆ, ଖଇରପୁଟ ବ୍ଲକରୁ ଜଣେ ଲେଖାଏ, କାଲିମେଳା ଓ କୋରୁକୋଣ୍ଡା ବ୍ଲକରୁ ୩ ଲେଖାଏ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### କୋରାପୁଟ: ୩୨ କରୋନା ପଜିଟିଭ

କୋରାପୁଟ,୨୯।୧୦(ସ୍ୱ.ପ୍ର.)-କୋରାପୁଟ ଜିଲାରେ ଗୁରୁବାର ୩୨ ଜଣ ନୂତନ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଏହି ସଂଖ୍ୟା ୭୨୬୬କୁ ବୃଦ୍ଧି ପାଇଛି। ଚିହ୍ନଟ ୩୨ ଜଣଙ୍କ ମଧ୍ୟରେ ଜୟପୁର ପୌରାଞ୍ଚଳରୁ ୭ ଜଣ, କୋରାପୁଟ ପୌରାଞ୍ଚଳରୁ ୭, ସୁନାବେଡ଼ା ପୌରାଞ୍ଚଳରୁ ୬, ବୋରିଗୁମ୍ମା ବ୍ଲକରୁ ୪, ଜୟପୁର ବ୍ଲକରୁ ୩, କୋଟପାଡ୍ ଓ ଲକ୍ଷ୍ମୀପୁର ବ୍ଲକରୁ ୨ ଲେଖାଏ, କୁନ୍ଦୁରା ବ୍ଲକରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲାପାଳ ମଧୁସୂଦନ ମିଶ୍ର ସୂଚନା ଦେଇଛନ୍ତି।

# ହାଇ-ଏଣ୍ଡ ଲାବରେଟୋରି ବନ୍ଦ

**ଜୟପୁର,୨୯।୧୦(ଡି.ଏନ.ଏ.)**



ବନ୍ଦ ଥିବା ଲାବରେଟୋରି।

**୫ ବର୍ଷ ପାଇଁ ଏମ୍ଓୟୁ ହୋଇ ୨ ବର୍ଷରେ ବନ୍ଦ**
- ଘରୋଇ ଲାବରେଟୋରି ଉପରେ ନିର୍ଭର କରୁଛନ୍ତି ରୋଗୀ
- ପରୀକ୍ଷା ପାଇଁ ୫ଜିଲାରୁ ଆସୁଥିଲା ନମୁନା
- ଠିକାସଂସ୍ଥାକୁ ପତ୍ର ଲେଖାଯାଇଛି: ସିଡିଏମ୍ଓ

ସରକାରଙ୍କ ନିଦାନ ଯୋଜନାରେ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନେଇ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ରୋଗୀ ରୋଗ ଚିହ୍ନଟ ପାଇଁ ବାହାର ରାଜ୍ୟ କିମ୍ବା ଭୁବନେଶ୍ୱର ଓ କଟକ ଉପରେ ନିର୍ଭର କରୁଛନ୍ତି। ଏନେଇ ରୋଗୀଙ୍କୁ ବହୁ ଅର୍ଥ ଖର୍ଚ୍ଚ କରିବାକୁ ପଡୁଥିଲା । ଏପରିକି ସେମାନଙ୍କୁ ପରୀକ୍ଷାନିରୀକ୍ଷା ଲାଗି ଏକ ସପ୍ତାହ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେଉଥିଲା । ଏହାକୁ ଦୃଷ୍ଟିରେ ରଖି ନିଦାନ ଯୋଜନାରେ ଜୟପୁର ଜିଲା ଚିକିତ୍ସାଳୟ ଅଧୀନରେ କୋରାପୁଟଠାରେ ହାଇ-ଏଣ୍ଡ ଲାବରେଟୋରି ପ୍ରତିଷ୍ଠା ହୋଇଥିଲା। ଏହାଦ୍ୱାରା ରୋଗୀମାନେ ଉପକୃତ ହେଉଥିଲେ। ସେମାନେ ବିନା ମୂଲ୍ୟରେ କ୍ୟାନ୍ସର, ଥାଇରଏଡ୍, ବ୍ଲଡ୍ ଓ ମୂତ୍ର କଲଚର, ଯକ୍ଷ୍ମା ଓ ଥାଇରଏଡ୍ ଭଳି ରୋଗର ପରୀକ୍ଷା କରୁଥିଲେ। କୋରାପୁଟ ସମେତ ରାୟଗଡ଼ା, ମାଲକାନଗିରି, ଜୟପୁର, ଭବାନୀପାଟଣା, ନବରଙ୍ଗପୁର ୫ଟି ଜିଲାରୁ ଉପରୋକ୍ତ ରୋଗର ନମୁନା ରୋଗୀଙ୍କଠାରୁ ସଂଗ୍ରହ କରାଯାଇ ଏଠାକୁ ପରୀକ୍ଷା ପାଇଁ ଆସୁଥିଲା। ଏକ ଠିକାସଂସ୍ଥା ସହ ୫ବର୍ଷ ପାଇଁ ଏମ୍ଓୟୁ ସ୍ୱାକ୍ଷର ହୋଇ ପ୍ରତିଷ୍ଠା ହୋଇଥିବା ଏହି ଲାବରେଟୋରି ଗତ ଏପ୍ରିଲରୁ ୭ ମାସ ହେଲା ବନ୍ଦ ହୋଇଯାଇଛି । ଫଳରେ ରୋଗୀମାନେ ଏଠାରେ ଯେଉଁ ପରୀକ୍ଷା କରୁଥିଲେ ଏବେ ସେମାନେ ବିଭିନ୍ନ ଘରୋଇ ଲେବରେଟୋରି ଉପରେ ନିର୍ଭର କରୁଛନ୍ତି। ଏହି ଲାବରେଟୋରି ପ୍ରତିଷ୍ଠା ପରେ ପିପିପି ମୋଡ୍‌ରେ ଏହାର ଦାୟିତ୍ୱ ଚେନ୍ନାଇର ଏକ ଘରୋଇ ସଂସ୍ଥା ନେଇଥିଲା। ଏଥିପାଇଁ ୫ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ସହିତ ଏମ୍ଓୟୁ ହୋଇଥିଲା । ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ଉକ୍ତ ଠିକା ସଂସ୍ଥା ସରକାରଙ୍କଠାରୁ ଅର୍ଥ ନେଉଥିଲା। ଲାବରେଟୋରି ବନ୍ଦ ହୋଇଯିବା ପରେ ଏଠାରେ କାର୍ଯ୍ୟରତ ୨ଜଣ ଡାକ୍ତର, ୨ଜଣ ପରିଚାଳକ, ୪ଜଣ ଲାବ୍ ଟେକ୍ନିସିଆନ ଏବଂ ୫ କେନ୍ଦ୍ରରେ କାର୍ଯ୍ୟ କରୁଥିବା ୧୦ଜଣ ନମୁନା ସଂଗ୍ରହକାରୀ ବେକାର ହୋଇ ବସିଛନ୍ତି। ଏପ୍ରିଲରୁ ଜୁନ ପର୍ଯ୍ୟନ୍ତ ଠିକାସଂସ୍ଥା ଉପରୋକ୍ତ କର୍ମଚାରୀଙ୍କୁ ଅଧା ଦରମା ଦେଉଥିଲା। ମାତ୍ର ଜୁଲାଇରୁ ଆଉ ଦରମା ଦେଇନାହିଁ। ଏନେଇ ସିଡିଏମ୍ଓ ମକରନ୍ଦ ବେଉରାଙ୍କୁ ପଚାରିବାରୁ ସେ କହିଲେ, ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ସମ୍ପୃକ୍ତ ଠିକାସଂସ୍ଥା ପକ୍ଷରୁ ଏହାକୁ ବନ୍ଦ କରାଯାଇଛି । ଏହାକୁ କାର୍ଯ୍ୟକାରୀ କରିବାକୁ ଠିକାସଂସ୍ଥାକୁ ପତ୍ର ଲେଖାଯାଇଛି । ସଂସ୍ଥା ଯଦି ନ ଶୁଣେ ତେବେ ସରକାରଙ୍କ ପକ୍ଷରୁ ଅନ୍ୟ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି ।

# ଖାଉଟି ଫୋରମରେ ଘରୋଇ ବ୍ୟାଙ୍କ ଦଣ୍ଡିତ

**ଜୟପୁର,୨୯।୧୦(ଡି.ଏନ.ଏ )**

ଗ୍ରାହକଙ୍କୁ ନିରାଶ କରିଥିବା ଅଭିଯୋଗରେ ସ୍ଥାନୀୟ ଏକ ଘରୋଇ ବ୍ୟାଙ୍କକୁ ଜୟପୁରସ୍ଥିତ ଜିଲା ଖାଉଟି ବିବାଦ ଫୋରମ ଦଣ୍ଡିତ କରିଛି । ଗୁରୁବାର ଜିଲା ଖାଉଟି ଫୋରମର ଭାରପ୍ରାପ୍ତ ଅଧ୍ୟକ୍ଷା ନିବେଦିତା ରଥ ଏବଂ ସଦସ୍ୟ ଜ୍ୟୋତି ରଞ୍ଜନ ପୂଜାରୀ ଆଗତ ମାମଲାର ବିଚାର କରି ସମ୍ପୃକ୍ତ ବ୍ୟାଙ୍କକୁ ତୁରନ୍ତ ଅଭିଯୋଗକାରୀଙ୍କୁ ଋଣ ପୈଠ ହୋଇଥିବାର ପ୍ରମାଣପତ୍ର ନୋ ଡ୍ୟୁଜ ସାର୍ଟିଫିକେଟ ଏବଂ ନୋ ଅବଜେକ୍ସନ ସାର୍ଟିଫିକେଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗ୍ରାହକଙ୍କୁ ୧୦ ହଜାର ଟଙ୍କା କ୍ଷତିପୂରଣ ଏବଂ ମକଦ୍ଦମା ପରିଚାଳନା ବାବଦକୁ ୫ହଜାର ଟଙ୍କା ଆସନ୍ତା ୩୦ ଦିନ ମଧ୍ୟରେ ଦେବାକୁ କହିଛନ୍ତି । ଖବରରୁ ଜଣାପଡିଛି ଉକ୍ତ ବ୍ୟାଙ୍କରୁ ପାରାବେଢା ଅଞ୍ଚଳର ବିଭୂତି ରଞ୍ଜନ ମହାପାତ୍ର ବାଇକ କ୍ରୟ ନିମନ୍ତେ ଋଣ ନେଇଥିଲେ । ସେ ମାସିକ ଧାର୍ଯ୍ୟ କିସ୍ତି ଟଙ୍କା ପୈଠ କରିଆସୁଥିଲେ। ଟଙ୍କା ଆଦାୟ କରୁଥିବା କର୍ମଚାରୀ ନ ଆସିବାରୁ ବିଭୂତି କିସ୍ତି ପୈଠରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରେ ୨୦୧୯ ମାର୍ଚ୍ଚ ୬ ସୁଦ୍ଧା ବକେୟା ୧୮ ହଜାର ୨୭ ଟଙ୍କା ପୈଠ କରିବାକୁ ବ୍ୟାଙ୍କ ପକ୍ଷରୁ ତାଙ୍କୁ ନୋଟିସ କରାଯାଇଥିଲା । ବ୍ୟାଙ୍କର ଦାବି ମୁତାବିକ ବିଭୂତି ନିର୍ଦ୍ଧାରିତ ଦିବସରେ ଉପରୋକ୍ତ ଟଙ୍କା ପୈଠ କରିଥିଲେ । ପରେ ତାଙ୍କୁ ବ୍ୟାଙ୍କ ପକ୍ଷରୁ ଏନଡିସି ଓ ଏନଓସି ପ୍ରଦାନ କରିବାକୁ ସେ ଆବେଦନ କରିଥିଲେ। ବାରମ୍ବାର ଆବେଦନ କରି ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ସେ ଜିଲା ଖାଉଟି ବିବାଦ ଫୋରମର ଆଶ୍ରୟ ନେଇଥିଲେ।

# ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଘେରିଲେ ଚାଷୀ

**ଜୟପୁର, ୨୯।୧୦ (ନି.ପ୍ର.)**


ସହକାରୀ ଉଦ୍ୟାନ ନିର୍ଦ୍ଦେଶକଙ୍କୁ ଚାଷୀ ଦାବିପତ୍ର ଦେଉଛନ୍ତି।

**ପିଆଜ ଚାଷୀଙ୍କୁ ପ୍ରୋତ୍ସାହନ ବଦଳରେ ପ୍ରତାରଣା**

ପିଆଜ ଦର କ୍ରମାଗତ ଭାବେ ବଢ଼ିଚାଲିଛି। ଏବେ ଏହା କେଉଁଠି ୮୦ ତ କେଉଁଠି ୯୦ ଟଙ୍କାରେ ପହଞ୍ଚିଲାଣି। ଦର ନିୟନ୍ତ୍ରଣ କରିପାରୁନି ପ୍ରଶାସନ। ପନିପରିବା ମଧ୍ୟରେ ପିଆଜ ହେଉଛି ଲୋକଙ୍କ ପ୍ରମୁଖ ପରିବା। ପିଆଜ ଚାଷ କରିବାକୁ ଚାହୁଁଥିବା ଚାଷୀଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ମିଳୁନି। କେବେ ନକଲି ବିହନ ମିଳୁଛି ତ କେବେ ବିହନ ମିଳୁନାହିଁ। ଏପରି କ୍ଷେତ୍ରରେ ଗୁରୁବାର ବୋରିଗୁମ୍ମା ବ୍ଲକର ପୋଡାପଦର ଗ୍ରାମର ପିଆଜ ଚାଷୀ ଜୟପୁରସ୍ଥିତ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ସଞ୍ଜୀବ କୁମାର ମହନ୍ତଙ୍କ କାର୍ଯ୍ୟାଳୟ ଘେରାଉ କରଥିଲେ। ଜିଲାପାଳଙ୍କ ଉଦ୍ଦେଶ୍ୟରେ ତାଙ୍କୁ ଦାବିପତ୍ର ଦେଇଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ପୋଡାପଦର ଗ୍ରାମର ଚାଷୀମାନେ ପ୍ରତିବର୍ଷ ପିଆଜ ଚାଷ କରି ଆସୁଛନ୍ତି। ମାତ୍ର ଉଦ୍ୟାନ ବିଭାଗ ଠିକ ସମୟରେ ସେମାନଙ୍କୁ ବିହନ ଦେଉନାହିଁ। ଗତବର୍ଷ ବିଭାଗ ନକଲି ବିହନ ଯୋଗାଇଥିଲା। ଫଳରେ ଚାଷ ଉଜୁଡ଼ିଯାଇଥିଲା । ଋଣ କରି ଚାଷ କରିଥିବା ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ପିଆଜ ଚାଷରେ ରୋଗ ପୋକ ନିରାକରଣ ଓ ଏନେଇ ସଚେତନ କରି ଚାଷୀଙ୍କୁ ପରାମର୍ଶ ଦେବାକୁ ବିଭାଗର କୌଣସି କର୍ମଚାରୀ ଆସୁନାହାନ୍ତି। ଅକ୍ଟୋବର ଶେଷ ହେବାକୁ ବସିଥିବା ବେଳେ ଏଯାଏ ଚାଷୀମାନେ ପିଆଜ ବିହନ ପାଇନାହାନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରି ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଚମାରଙ୍କୁ ମିଳିଥିବା ଷ୍ଟଲ ହଡ଼ପ ଅଭିଯୋଗ

**ଜୟପୁର,୨୯।୧୦(ଡି.ଏନ.ଏ )**

କୋରାପୁଟ ଜିଲା ଜୟପୁର ସହରର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପୌରସଂସ୍ଥା ପକ୍ଷରୁ ଚମାରମାନଙ୍କୁ ବ୍ୟବସାୟ ପାଇଁ ଗତ ୧୯୮୮-୮୯ରେ ୨୨ଟି ଷ୍ଟଲ ନିର୍ମାଣ କରି ପ୍ରଦାନ କରାଯାଇଥିଲା। ମାତ୍ର ଏହାକୁ ସ୍ଥାନୀୟ କେତେକ ରାଜନୈତିକ ଦଳର ନେତା, କର୍ମୀ ଏବଂ ବ୍ୟବସାୟୀ ହଡପ କରିଥିବା ଜିଲା ଯୁବ ସଙ୍ଗଠନ ଅଭିଯୋଗ କରିଛି। ଏପରିକି ଏହି ଷ୍ଟଲଗୁଡିକର ଭଡା ବାବଦ ପ୍ରାପ୍ୟ ପୌର ପରିଷଦ ପାଉ ନ ଥିବା ପ୍ରକାଶ କରି ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି । ଚମାର ଜାତିର ଲୋକଙ୍କୁ ସେମାନଙ୍କ ଜୋତା ମରାମତି ଓ ନିର୍ମାଣ ଲାଗି ପୌରସଂସ୍ଥା ପକ୍ଷରୁ ୨୨ଟି ପରିବାରକୁ ଏହି ଷ୍ଟଲ ମାଗଣା ପ୍ରଦାନ କରାଯାଇଥିଲା। ସେମାନେ ମାସିକ ଭଡା ରୂପେ ସର୍ବନିମ୍ନ ଅର୍ଥ ଦେବାକୁ ପୌର ପରିଷଦ ନିର୍ଦ୍ଧାରଣ କରିଥିଲା। ଷ୍ଟଲ ପାଇଥିବା ବ୍ୟକ୍ତିମାନେ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ସେମାନଙ୍କ ଷ୍ଟଲଗୁଡିକ ଅନ୍ୟ ଲୋକଙ୍କୁ ଭଡାରେ ଦେଇ ନିଜ ଗ୍ରାମକୁ ଚାଲିଯାଇଥିଲେ। ଫଳରେ ଏହି ଷ୍ଟଲଗୁଡିକ ବିଭିନ୍ନ ରାଜନୈତିକ ଦଳର ନେତା, କର୍ମୀ ଏବଂ ସ୍ଥାନୀୟ ବ୍ୟବସାୟୀଙ୍କୁ ହାତେଇବାକୁ ସୁବିଧା ହୋଇଛି। ସେମାନେ ଅଧିକ ଭଡାରେ ଷ୍ଟଲଗୁଡିକୁ ବ୍ୟବସାୟୀଙ୍କୁ ଭଡା ଦେଇଥିଲେ ମଧ୍ୟ ପୌରସଂସ୍ଥାକୁ ଦୀର୍ଘ ଦିନ ହେଲା ଭଡା ଦେଉନାହାନ୍ତି। ତୁରନ୍ତ ଏହି ଷ୍ଟଲଗୁଡିକୁ ସେମାନଙ୍କଠାରୁ ଆଣି ସ୍ଥାନୀୟ ଅଞ୍ଚଳର ବେକାରୀ ଯୁବତୀ ଯୁବକଙ୍କୁ ପ୍ରଦାନ କରିବାକୁ ସଙ୍ଗଠନର ଆବାହକ ରବିନ୍ଦ୍ର ମହାପାତ୍ର ଦାବି କରିଛନ୍ତି। ଏହି ଅବସରରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର କର୍ମକର୍ତ୍ତାମାନେ ପ୍ରଦାନ କରିଛନ୍ତି ।

# ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବ ମହାସଂଘ



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

**ଜୟପୁର, ୨୯।୧୦ (ନି.ପ୍ର.)**

ଜୟପୁରଠାରେ ଏକ ବଙ୍ଗଳାରେ ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହା ମାଧ୍ୟମରେ ମହାସଂଘ ଦେଶରେ ଲାଗୁ ହୋଇଥିବା କୃଷି ବିରୋଧୀ ଆଇନର ପ୍ରତ୍ୟାହାର, ଚାଷୀକୁ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ, ଭାଗଚାଷୀ ଆଇନ କାର୍ଯ୍ୟକାରୀ କରିବା, ଦକ୍ଷିଣ ଓଡ଼ିଶାରେ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ଦାବି କରାଯାଇଛି। ଯଦି ରାଜ୍ୟ ସରକାର ୧ ମାସ ଭିତରେ ଏହି ଦାବି ପୂରଣ ନ କରନ୍ତି ତେବେ ଆନ୍ଦୋଳନ କରିବାକୁ ମହାସଂଘ ଚେତାବନୀ ଦେଇଛି। ଏହି ଅବସରରେ ମହାସଂଘର ରାୟଗଡା ସଭାପତି ରୂପେ ରଙ୍ଗାରାଜୁ ନାୟକ, କୋରାପୁଟ ସଭାପତି ରୂପେ ଗୋକୁଳ ଚନ୍ଦ୍ର ହନ୍ତାଳ, ନବରଙ୍ଗପୁର ସଭାପତି ରୂପେ ଦିବାକର ପୂଜାରୀ, ମାଲକାନଗିରି ଜିଲା ସଭାପତି ରୂପେ ସୋନୁ ଅନୁଗୁଙ୍କ ସହ ଦକ୍ଷିଣ ଓଡ଼ିଶା ସଭାପତି ରୂପେ ପ୍ରଭାକର ହନ୍ତାଳ ଚୟନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ମହାସଂଘର ରାଜ୍ୟ ସଭାପତି ସଚିନ ମହାପାତ୍ର, ପଶ୍ଚିମ ଓଡ଼ିଶାର ସଭାପତି ସନାତନ ପ୍ରଧାନ, ଉତ୍ତର ଓଡ଼ିଶାର ସଭାପତି ଉପେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଲୋକଙ୍କୁ ସଚେତନ କରିବା ନେଇ ଗୁରୁତ୍ୱ

**ମାଲକାନଗିରି,୨୯।୧୦ (ଡି.ଏନ୍.ଏ.)**


ବୈଠକରେ ଉପସ୍ଥିତ ଅଧିକାରୀ ଓ କର୍ମକର୍ତ୍ତା ।

**ନେହେରୁ ଯୁବ କେନ୍ଦ୍ର କାର୍ଯ୍ୟ ସମୀକ୍ଷା**

ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଜିଲା ନେହେରୁ ଯୁବକେନ୍ଦ୍ରର କାର୍ଯ୍ୟକ୍ରମ ଗୁରୁବାର ସମୀକ୍ଷା ହୋଇଛି। ଏହାର ଅଧ୍ୟକ୍ଷ ଥିବା ଜିଲାପାଳ ମନିଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପିଡି ଡିଆର୍‌ଡିଏ ବାଳମୁକୁନ୍ଦ ଭୂୟାଁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ, ଡିଏସ୍‌ଡବ୍ଲୁଓ ସୌଦାମନୀ ପ୍ରଧାନ, ଡିପିଓ, ନମିତା ଦଣ୍ଡସେନା, ବିଏସ୍ଏଫ୍‌ର ଅତିରିକ୍ତ କମାଣ୍ଡାଣ୍ଟ ରାଜେଶ ଲାକ୍ରାଙ୍କ ସହ ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ନେହେରୁ ଜିଲା ଯୁବକେନ୍ଦ୍ରର ଜିଲା ସଂଯୋଜକ ହରିଶ ରୁପାଲ ନେହରୁ ଯୁବ କେନ୍ଦ୍ର ଦ୍ୱାରା ୨୦୧୯-୨୦ ଆର୍ଥିକ ବର୍ଷରେ ଜିଲାର ବିଭିନ୍ନ ଅଞ୍ଚଳରେ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମାଲକାନଗିରି ଜିଲାରେ ୧୧୦ଟି ଯୁବକ ସଂଘ ଗଠନ ହୋଇଥିବା ବେଳେ ୨୧୫୦ ଜଣ ଯୁବକ ଏବଂ ୭୨୦ ଜଣ ଯୁବତୀ ଏହି କ୍ଲବର ସଦସ୍ୟାସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଗ୍ରାମାଞ୍ଚଳରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଇବା, ସ୍ୱାସ୍ଥ୍ୟ, ପାନୀୟ ଜଳ, କ୍ରୀଡା, ନିଶାମୁକ୍ତ, ସ୍ୱଚ୍ଛ ଭାରତ ଏବଂ କରୋନା ରୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି। ପରିବେଶ ସୁରକ୍ଷା ବିଭିନ୍ନ ଅଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ନେଇ ସଂଘ ସଦସ୍ୟମାନେ ଗୁରୁତ୍ୱ ଦେବାକୁ ଜିଲାପାଳ ଅଗ୍ରୱାଲ ପରାମର୍ଶ ଦେଇଥିଲେ। ନେହେରୁ ଯୁବ କେନ୍ଦ୍ରର ହେଉଥିବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଜିଲାର ସମସ୍ତ ବିଡିଓ, ତହସିଲଦାର, ଶିଶୁ ମଙ୍ଗଳ ଅଧିକାରୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ ପିଡି ଭୂୟାଁ ପୂର୍ବରୁ ଚିଠି ଲେଖିଥିଲେ। ଏହି ଅବସରରେ ଏକ ସଚେତନ ରଥକୁ ସେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ବୁଲି କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବ ।

# ପୁଞ୍ଜିପତିଙ୍କ ହାତକୁ ମଜଭୁତ କରିବା ସରକାରଙ୍କ ଲକ୍ଷ୍ୟ



ମଜଦୁର ସଂଘ କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି।

**କୋରାପୁଟ,୨୯।୧୦(ସ୍ୱ.ପ୍ର.)**

**ଶ୍ରମ ଆଇନକୁ ଭାରତୀୟ ମଜଦୁର ସଂଘର ବିରୋଧ**
- ଏହି ଆଇନ ଆଗାମୀ ଦିନରେ ଜଟିଳ ପରିସ୍ଥିତି ସୃଷ୍ଟି କରିବ
- ତୁରନ୍ତ ଶ୍ରମିକ ବିରୋଧୀ କୋଡ୍‌କୁ ପ୍ରତ୍ୟାହାର କର
- ପୂର୍ବ ଶ୍ରମ ଆଇନର ୨୯ ଆଇନକୁ ନିରସ୍ତ୍ର କରାଯାଇଛି

କେନ୍ଦ୍ର ସରକାରଙ୍କ ଶ୍ରମ ଆଇନକୁ ବିରୋଧ କରି ଭାରତୀୟ ମଜଦୁର ସଂଘର କୋରାପୁଟ ଜିଲା ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ଦେଇଛନ୍ତି। ସଂଘର ଶାଖା ସମ୍ପାଦକ ବିରଞ୍ଚି ନାରାୟଣ ଷଡ଼ଙ୍ଗୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କୁ ଦାବିପତ୍ର ଦେଇଥିଲେ। ଏଥିରେ ଦର୍ଶାଯାଇଛି ଯେ, ଶ୍ରମ ସଂସ୍କାର ନାମରେ ଭାରତ ସରକାର ପୁଞ୍ଜିପତିଙ୍କ ହାତକୁ ମଜଭୁତ କରିବା ଲକ୍ଷ୍ୟ ରଖିଛନ୍ତି। ସ୍ୱାଧୀନତା ପରଠାରୁ ଚଳିଆସୁଥିବା ଶ୍ରମ ଆଇନକୁ ଦୁର୍ବଳ କରିବା ଲାଗି ୨୯ଟି ଶ୍ରମ ଆଇନକୁ ନିରସ୍ତ୍ର କରି ୪ଟି ଲେବର କୋଡ୍ ରାଷ୍ଟ୍ରପତିଙ୍କ ଅନୁମୋଦନରେ ଦେଶବ୍ୟାପୀ ଲାଗୁ କରିବା ପାଇଁ ସମସ୍ତ ବିଭାଗକୁ କାମରେ ଲଗାଇଛନ୍ତି। ଏପ୍ରିଲ ସୁଦ୍ଧା ଏହି ନୂତନ ଆଇନ କାର୍ଯ୍ୟକାରୀ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଏହି ଆଇନ ଆଗାମୀ ଦିନରେ ଶ୍ରମିକ ଓ ଶ୍ରମ ସଙ୍ଗଠନ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିବ ବୋଲି ସଂଘ ଦାବିପତ୍ରରେ ଉଲ୍ଲେଖ କରିଛି। ସରକାର ତୁରନ୍ତ ଶ୍ରମିକ ବିରୋଧୀ କୋଡ୍‌କୁ ପ୍ରତ୍ୟାହାର କରିବା, ଶ୍ରମିକ ଅଧିକାର ଆଇନ ଖଣ୍ଡିତ ବନ୍ଦ କରିବା, ପେନ୍ସନ ସ୍କିମ୍‌ର ସମୀକ୍ଷା କରିବା, ଜିଡିପି ପ୍ରୋଗ୍ରେସ ସ୍କେଲକୁ ପରିବର୍ତ୍ତନ କରିବା, ନୂତନ କର୍ମନିଯୁକ୍ତି ପଲିସି କାର୍ଯ୍ୟକାରୀ କରିବା, ପ୍ରବାସୀ ଶ୍ରମିକ ଆଇନକୁ ସଂଶୋଧନ କରିବା ଲାଗି ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ସଂଘର କୋରାପୁଟ ଜିଲା ସଭାପତି ଏ. ଭୀମ ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ପ୍ରକାଶ ପାଇଲା ସ୍ନାତକ, ସ୍ନାତକୋତ୍ତର ପରୀକ୍ଷାଫଳ

**ଜୟପୁର,୨୯।୧୦(ନି.ପ୍ର.)**

**ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ**

ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ, ସ୍ନାତକୋତ୍ତର ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଥିବା ବେଳେ ଗୁରୁବାର ବିଏବିଏଡ୍, ବିଏସ୍‌ସି ବିଏବିଏଡ୍ ପରୀକ୍ଷାଫଳ ପ୍ରକାଶ ପାଇଛି। ବିଏବିଏଡ୍‌ରେ ବନ୍ଦନା ମହାନ୍ତି ଓ ବିଏସ୍‌ସି ବିଏବିଏଡ୍‌ରେ ନିବେଦିତା କୁଲୁ ଟପ୍ପର ହୋଇଛନ୍ତି। ସେହିପରି ପ୍ରକାଶ ପାଇଥିବା ସ୍ନାତକର କଳା ବିଭାଗରେ ଫଳାଫଳ ଶତକଡା ୯୪ ପ୍ରତିଶତ ହୋଇଥିବା ବେଳେ ବିଜ୍ଞାନରେ ୯୭ ପ୍ରତିଶତ ଏବଂ ବାଣିଜ୍ୟ ବିଭାଗରେ ୯୭ ପ୍ରତିଶତ ହୋଇଛି । ସ୍ନାତକରେ କଲେଜ ଟପ୍ପର ବିଭୁପ୍ରସାଦ ନେପାକ ହୋଇଥିବା ବେଳେ ସ୍ନାତକୋତ୍ତରରେ ଆଲିସମିତା ପାଣ୍ଡିଆ ଟପ୍ପର ହୋଇଛନ୍ତି।

ସ୍ନାତକରେ ଉଦ୍ଭିଦ ବିଜ୍ଞାନରେ ପ୍ରଣତି ପରିଡ଼ା, ରାସାୟନିକ ବିଜ୍ଞାନରେ କୌଶିକ ମିଶ୍ର, ବୈଷୟିକ ବିଜ୍ଞାନରେ ବେଭି ରେଡ୍ଡି ତ୍ରିବେଦ,ଗଣିତରେ ଶ୍ରୀୟାରାଣୀ ପଣ୍ଡା, ପଦାର୍ଥ ବିଜ୍ଞାନରେ ବିଭୁପ୍ରସାଦ ନେପାକ, ପ୍ରାଣୀବିଜ୍ଞାନରେ ଶୁଭଶ୍ୱେତା ମହାରଣା ଅଧିକ ମାର୍କ ରଖିଛନ୍ତି। ସେହିପରି କଳା ବିଭାଗର ଅର୍ଥନୀତିରେ ବୃନ୍ଦା ବୋଡା, ଇଂରାଜୀରେ ଉଷାଶ୍ରୀ ମିଶ୍ର,ଇତିହାସରେ ମୋହିନୀ ବିଷୋୟୀ, ଓଡ଼ିଆରେ ସନ୍ତୋଷ ମିତା ମାଝି, ଦର୍ଶନଶାସ୍ତ୍ରରେ ସିଲତ ବେହେରା, ରାଜନୀତି ବିଜ୍ଞାନରେ ମିତା ଶତପଥୀ, ସମାଜ ବିଜ୍ଞାନରେ ସନ୍ଧ୍ୟାରାଣୀ ପାତ୍ର ଅଧିକ ମାର୍କ ରଖି କଲେଜ ପାଇଁ ସଫଳତା ଆଣିଛନ୍ତି। ସେହିପରି ବିସିଏରେ ୯୬ ପ୍ରତିଶତ ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି । ବିବିଏରେ ଆକୁପାଲି ଡିମ୍ପଲ ଟପ୍ପର ହୋଇଥିବା ବେଳେ ବିସିଏରେ ମାନାସା ଦାସ ଅଧିକ ମାର୍କ ରଖିଛନ୍ତି। ସ୍ନାତକୋତ୍ତରରେ ଅର୍ଥନୀତିରେ ଶୁଭଶ୍ରୀ ପାତ୍ର, ଇଂରାଜୀରେ ଶ୍ରୁତି ଭଞ୍ଜ ମିଶ୍ର, ଇତିହାସରେ ସମୁନ ବେହେରା,ଓଡ଼ିଆରେ ଦୀପିକା ନାୟକ, ଦର୍ଶନ ଶାସ୍ତ୍ରରେ ରଜନିକାନ୍ତା ସିରୁଆନ, ରାଜନୀତି ବିଜ୍ଞାନରେ ଦୀପିକା ସାମନ୍ତରାୟ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଣିଜ୍ୟରେ ହାଡିମା ବେଗୁମ୍,ଏମ୍ଏମ୍ଆଇଆର୍‌ରେ ସସ୍ମିତା ପାତ୍ର, ଉଦ୍ଭିଦ ବିଜ୍ଞାନରେ ବିଜୟଲକ୍ଷ୍ମୀ ନାୟକ, ପଦାର୍ଥ ବିଜ୍ଞାନରେ ଲିପା ମହାନ୍ତି,ବୈଷୟିକ ବିଜ୍ଞାନରେ ଏ. କ୍ରିଷ୍ଣା, ଗଣିତ ବିଭାଗରେ ବିବି ସାହାସଲମା, ପଦାର୍ଥ ବିଜ୍ଞାନରେ ସଂଯୁକ୍ତା ନାୟକ, ପ୍ରାଣୀ ବିଜ୍ଞାନରେ ଆଲେସ୍ମିତା ପାଣ୍ଡିଆ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା କଲେଜ ଅଧ୍ୟକ୍ଷ ଗୋପାଳ ହଲଦାର ପ୍ରକାଶ କରିଛନ୍ତି।

# ପେଟା ପଥର ଖଣି ଖନନକୁ ବିରୋଧକଲେ ଗ୍ରାମବାସୀ

**ଏମଭି ୭୯,୨୯।୧୦(ଡି.ଏନ.ଏ.)**


ବୈଠକରେ ଉପସ୍ଥିତ ଗ୍ରାମବାସୀ।

ମାଲକାନଗିରି ଜିଲା ସୀମାନ୍ତବର୍ତ୍ତୀ ପୁଶୁଗୁଡା ପଞ୍ଚାୟତର ପେଟା ଗ୍ରାମରେ ଚାଲିଥିବା ପଥର ଖଣିକୁ ଲୋକେ ବିରୋଧ କରିଛନ୍ତି। ସୀମାନ୍ତ ମୋଟୁ ଓ ପୁଶୁଗୁଡା ପଞ୍ଚାୟତର ଶତାଧିକ ଲୋକେ କୋଭିଡ-୧୯ ନିୟମ ପାଳନ କରି ପଥର ଖଣିକୁ ବନ୍ଦ କରିବା ପାଇଁ ମୁରଲିଗୁଡ଼ାରେ ଏକ ବୈଠକରେ ଏକାଠି ହୋଇଥିଲେ। ଏଥିରେ ମୋଟୁ ସରପଞ୍ଚ ମୁନା ସୋଡିଙ୍କ ସହ ବିଭିନ୍ନ ୱାର୍ଡର ସଭ୍ୟାସଭ୍ୟ ସାମିଲ ହୋଇଥିଲେ। ମୋଟୁ ପଞ୍ଚାୟତର ସମସ୍ତ ଗ୍ରାମଗୁଡିକ ପେଟା ପଥର ଖଣିର ତଳୁଆ ଅଞ୍ଚଳରେ ରହିଛି। ଫଳରେ ପଥର ଖଣି କାଟିଲେ ତଳୁଆ ଅଞ୍ଚଳରେ ଥିବା ମୋଟୁ ପଞ୍ଚାୟତର ଅନେକ ଗ୍ରାମ ଏବଂ ଶତାଧିକ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଯିବ। ବର୍ଷା ଦିନେ ଆନ୍ଧ୍ରର ପୋଲାଭରମ ପ୍ରକଳ୍ପ ଯୋଗୁ ଗୋଦାବରୀ ନଦୀ ପାଣି ମୋଟୁ ସହ ଆଖପାଖ ଅଞ୍ଚଳକୁ ଜଳମଗ୍ନ କରି ରଖୁଥିବା ବେଳେ ଏବେ ଏହି ଗ୍ରାନାଇଟ ପାହାଡ ସମ୍ପୂର୍ଣ୍ଣ କଟାଗଲେ ସ୍ଥାନୀୟ ଅଞ୍ଚଳର ସମସ୍ୟା ଦ୍ୱିଗୁଣିତ ହୋଇପଡ଼ିବ। ପ୍ରଶାସନ ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେଇ ତଳୁଆ ଅଞ୍ଚଳରେ ରହିଥିବା ଗ୍ରାମବାସୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ବୈଠକରେ ଦାବି ହୋଇଥିଲା। ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

